# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 10 February – 2025

*********************************

## ମୁଖ୍ୟ ସମ୍ବାଦ

- ପରୀକ୍ଷା ଜୀବନ ନିର୍ଦ୍ଧାରିତ କରେ ନାହିଁ; ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ ଉପରେ ଧ୍ୟାନ ଦେବା ଆବଶ୍ୟକ ବୋଲି କହିଲେ ପ୍ରଧାନମନ୍ତ୍ରୀ

– ‘ପରୀକ୍ଷା ପେ’ ଚର୍ଚ୍ଚା’ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ କଲେ ଭାବବିନିମୟ

- କେନ୍ଦ୍ର ସରକାର ଚଳିତ ବର୍ଷ ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- ତୃଣମୂଳସ୍ତରରେ ମହିଳାଙ୍କ ସମସ୍ୟାର ସମାଧାନ ପାଇଁ ଆସନ୍ତାକାଲି ଭୁବନେଶ୍ୱରରେ ଜନଶୁଣାଣି କରିବେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା

ଏବଂ

- ରାଜ୍ୟର ୨୪ଟି ଜିଲ୍ଲାରେ କୃମିନାଶକ ଏବଂ ୬ଟି ଜିଲ୍ଲାରେ ଫାଇଲେରିଆ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ହେଲା ଆରମ୍ଭ

*Nuapada/Desk*

## ପରୀକ୍ଷା ପେ' ଚର୍ଚ୍ଚା

ପରୀକ୍ଷା ଜୀବନରେ ସବୁ କିଛି ନିର୍ଦ୍ଧାରିତ କରେ ନାହିଁ। ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରିବା ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣରେ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଶିକ୍ଷା କେବଳ ପାଠପଢ଼ାରେ ସୀମିତ ହେବା କଥା ନୁହେଁ, ଏହା ଛାତ୍ରଛାତ୍ରୀଙ୍କ ସାମଗ୍ରୀକ ବିକାଶର ମାଧ୍ୟମ ହେବା ଆବଶ୍ୟକ।

ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ସମୟର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ପରୀକ୍ଷା ସମୟର ସଦୁପଯୋଗ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଆଜିର ଯୁଗରେ ଦକ୍ଷତା ବହୁତ ଶକ୍ତିଶାଳୀ ମାଧ୍ୟମ। ଅଭିଭାବକମାନେ ପିଲାଙ୍କ ଦକ୍ଷତା ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେବା ଜରୁରୀ।

ପ୍ରଧାନମନ୍ତ୍ରୀ' ଛାତ୍ରଛାତ୍ରୀମାନଙ୍କୁ ଛୋଟ ଛୋଟ ବିଜୟରେ ଖୁସି ହେବାର ମନ୍ତ୍ର ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ବଡ଼ ଲକ୍ଷ୍ୟ ପୂରଣ କରିବାକୁ ହେଲେ ଛୋଟ ଛୋଟ ଲକ୍ଷ୍ୟ ନିର୍ଦ୍ଧାରିତ କରିବାକୁ ହୁଏ। ଏହା ସଫଳତା ପ୍ରାପ୍ତିର ଶ୍ରେଷ୍ଠ ମାର୍ଗ। ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ ସମୟରେ ପ୍ରଧାନମନ୍ତ୍ରୀ ଆତ୍ମପ୍ରେରଣା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ନିଜ ପାଇଁ ନିଜେ ପ୍ରେରଣା ହେଲେ ଅନ୍ୟମାନଙ୍କ ପାଇଁ ମଧ୍ଧ ଛାତ୍ରଛାତ୍ରୀମାନେ ପ୍ରେରଣାର ଉତ୍ସ ହୋଇପାରିବେ। ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଧ୍ୟାନର ମହତ୍ତ୍ୱ ବୁଝାଇବା ସହ ପ୍ରକୃତିର ସୁରକ୍ଷା ପାଇଁ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଛାତ୍ରଛାତ୍ରୀଙ୍କ ସହ ପରୀକ୍ଷା ପେ’ ଚର୍ଚ୍ଚାର ସିଧାପ୍ରସାରଣ ଦେଖିଛନ୍ତି। କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ସମୟରେ ମାନସିକ ଚାପଗ୍ରସ୍ତ ନ ହୋଇ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଛନ୍ତି।

ପରୀକ୍ଷା ପେ’ ଚର୍ଚ୍ଚା କାର୍ଯ୍ୟକ୍ରମ ତାଙ୍କୁ ଉତ୍ସାହିତ କରିଛି ବୋଲି ନୂଆପଡ଼ା ଜିଲ୍ଲା ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ପ୍ରିୟାଂଶୀ ମହାନ୍ତି କହିଛନ୍ତି।

**- V/O –**

***Desk***

## ଏକଲ ଖେଳକୁଦ ଅନୁଷ୍ଠିତ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ତିନିଦିନିଆ ତୃତୀୟ ଜାତୀୟସ୍ତରୀୟ ଏକଲ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଏଭଳି ପ୍ରତିଯୋଗିତା ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ଯୁବ

ଖେଳାଳିମାନଙ୍କ ଉତ୍ସାହ ଓ ପ୍ରତିଭାର ବିକାଶ ଦିଗରେ ସହାୟକ ହେବ ବୋଲି କହିଛନ୍ତି। ଏହି ପ୍ରତିଯୋଗିତାରେ ୨୫ଟି ରାଜ୍ୟରୁ ୧ ହଜାର ୨୦୦ ଜଣ ଖେଳାଳି ଭାଗ ନେଇଥିଲେ।

***Desk***

## ଧର୍ମେନ୍ଦ୍ର ପ୍ରଧାନ- ଯକ୍ଷ୍ମା

ଯକ୍ଷ୍ମା ଏକ ଜଟିଳ ରୋଗ ନୁହେଁ। ଆଧୁନିକ ଚିକିତ୍ସା ସାହାଯ୍ୟରେ ଯକ୍ଷ୍ମାର ସମ୍ପୂର୍ଣ୍ଣ ବିଲୋପ କରାଯାଇପାରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ଢେଙ୍କାନାଳ ଜିଲ୍ଲାରେ ଯକ୍ଷ୍ମାମୁକ୍ତ ଅଭିଯାନ କାର୍ଯ୍ୟକ୍ରମରେ ଭିଡିଓ ବାର୍ତ୍ତାରେ ଶ୍ରୀ ପ୍ରଧାନ ଯକ୍ଷ୍ମାମୁକ୍ତ ଅଭିଯାନକୁ ଜନଅଭିଯାନରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାର ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଭାରତକୁ ଯକ୍ଷ୍ମାମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନ' 'ନିକ୍ଷୟ ମିତ୍ର'ରେ ସାମିଲ ହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା କମ୍ ସମୟ ମଧ୍ୟରେ ରାଜ୍ୟରେ ଯକ୍ଷ୍ମା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଛି ବୋଲି କେନ୍ଦ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

***BBSR/R***

## ମହିଳା କମିଶନ- ଜନଶୁଣାଣି

ତୃଣମୂଳସ୍ତରରେ ମହିଳାମାନଙ୍କ ସମସ୍ୟାର ସମାଧାନ ପାଇଁ ଆସନ୍ତାକାଲି ଜାତୀୟ ମହିଳା କମିଶନର ଅଧ୍ୟକ୍ଷ ବିଜୟା ରାହତକରଙ୍କ ଉପସ୍ଥିତିରେ ଏକ ଜନଶୁଣାଣି ଅନୁଷ୍ଠିତ ହେବ। ଭୁବନେଶ୍ୱର ଏକାମ୍ର ହଲ୍‌ରେ ଅନୁଷ୍ଠିତ ହେବାକୁ ଥିବା ଶୁଣାଣିରେ ମହିଳାମାନେ ବିଭିନ୍ନ ପ୍ରକାର ସମସ୍ୟା, ଅଭିଯୋଗ ଉପସ୍ଥାପନ କରିପାରିବେ। ଶୁଣାଣି ସମ୍ବନ୍ଧୀୟ ସୂଚନା

ପାଇଁ ୭୦୧୧-୯୭୨-୮୬୨ ନମ୍ବରରେ ଯୋଗାଯୋଗ କରାଯାଇପାରିବ।

***HS***

## ଗ୍ରୀଷ୍ମ ପ୍ରବାହ- ନଳକୂପ ଖନନ

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟରେ ଅତିକମ୍‌ରେ ୭୦ ଜନସଂଖ୍ୟା ଥିବା ଗାଁରେ ନଳକୂପ ଖୋଳାଯିବ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବି ନାୟକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଯେଉଁ ଗାଁରେ ୭୦ରୁ ଅଧିକ ଜନସଂଖ୍ୟା ଥିବେ ସେଠାରେ ଦୁଇଟି ନଳକୂପ ଖନନ କରାଯିବ। ଏ ନେଇ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇ ଦିଆଯିବ। ସୌରଶକ୍ତି ବ୍ୟବହାର କରି ପାନୀୟ ଜଳ ଯୋଗାଇ ଦିଆଯିବ। ଆସନ୍ତା ମାସ ସୁଦ୍ଧା ୭୨ଟି ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଶେଷ ହେବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

***Boudh/Deogada/Desk***

# ଫାଇଲେରିଆ ନିରାକରଣ-ଔଷଧ

ଫାଇଲେରିଆ ନିରାକରଣ ପାଇଁ କଟକ, ନୟାଗଡ, କନ୍ଧମାଳ, ରାୟଗଡା, ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲାରେ ଆଜିଠାରୁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିରେ ଫାଇଲେରିଆ ନିରୋଧକ ଔଷଧ ସହିତ କୃମିନାଶକ ଔଷଧ ଦିଆଯାଉଛି । ଗର୍ଭବତୀ ମହିଳା, ଦୁଇବର୍ଷରୁ କମ୍ ବୟସର ଶିଶୁ ଏବଂ ଗୁରୁତର ଅସୁସ୍ଥ ଥିବା ଲୋକମାନଙ୍କୁ ଫାଇଲେରିଆ ଔଷଧ ସେବନ ନ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର

କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ଆଜି ରାଜ୍ୟର ୨୪ଟି ଜିଲ୍ଲାରେ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଛି । ଏକବର୍ଷରୁ ୧୯ ବର୍ଷ ବୟସର ପିଲା ଏବଂ ୨୦ରୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଇଛି । ବିଦ୍ୟାଳୟ ଯାଉନଥିବା ଛୋଟପିଲାମାନଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ଏବଂ ଆଶାକର୍ମୀମାନେ ଔଷଧ ଖାଇବାକୁ ଦେଇଛନ୍ତି । ଏହାସହିତ ଚଳିତମାସରେ ଅନୁଷ୍ଠିତ ହେଉଥିବା ସମସ୍ତ ଟିକାକରଣ ଶିବିରରେ ୯ ମାସରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କୁ ଭିଟାମିନ୍ 'ଏ' ଦ୍ରବଣ ଖାଇବାକୁ ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି ।

ବୌଦ୍ଧ ଜିଲ୍ଲା ଜେଡି ହାଇସ୍କୁଲ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡକ୍ଟର ପଣ୍ଡା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ ଦେଇଥିଲେ।

ଦେବଗଡ଼ ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ଏକରୁ ୧୯ ବର୍ଷର ପିଲାମାନଙ୍କୁ କୃମିନାଶକ ଔଷଧ ବଣ୍ଟନ କରାଯାଇଥିଲା।

*Koraput*

## ପ୍ରାଣୀ ସମ୍ପଦ ମେଳା

କୋରାପୁଟଠାରେ ଦୁଇଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ରଘୁରାମ ମାଛ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଲାଭାନ୍ୱିତ ହୋଇପାରିବେ ସେଥିପାଇଁ ଏଭଳି ମେଳା ଆୟୋଜନ କରାଯାଉଛି ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ନୂତନ କାମଧେନୁ ଯୋଜନାରେ ଏ ପର୍ଯ୍ୟନ୍ତ ୧୦୦ଟି ଆବେଦନପତ୍ର ଅନୁମୋଦନ କରାଯାଇଥିବା ସେ କହିଛନ୍ତି।

*Desk*

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷାର ଫଳ ଆଜି ପ୍ରକାଶ ପାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥରୁ ନବମ ଶ୍ରେଣୀ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ପରୀକ୍ଷାଫଳ ପ୍ରକାଶ ପାଇଛି। ପରୀକ୍ଷାର୍ଥୀମାନେ ବୋର୍ଡର ୱେବସାଇଟ୍ bseodisha.ac.in ରେ ଅଧିକ ତଥ୍ୟ ପାଇପାରିବେ।

*Nayagarh/Boudh/Gajapati/BHK*

## ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକଠାରେ

ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ଆରକ୍ଷୀ ଅଧୀକ୍ଷକ ମାଡ଼କର ସନ୍ଦୀପ ସମ୍ପତ ଯୋଗଦେଇ ୭୬ଟି ଅଭିଯୋଗର ଶୁଣାଣି କରିଥିଲେ।

ସେହିପରି ଗଜପତି ଜିଲ୍ଲାର ଆର୍.ଉଦୟଗିରି ବ୍ଲକରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ବିଜୟ କୁମାର ଦାସ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ୬୮ଟି ଅଭିଯୋଗର ଶୁଣାଣି କରି ତିନୋଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଦେବଗଡ଼ ଜିଲ୍ଲାର ବାରକୋଟ ବ୍ଲକରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ୧୧ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକରେ ଜିଲ୍ଲାପାଳ ସୁନୀଲ ଅଗ୍ରୱାଲ ମୋଟ୍ ୯ଟି ସମସ୍ୟାର ତତ୍କାଳ ସମାଧାନ କରିଥିଲେ।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧୀକ୍ଷକ ୫୧ଟି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିଥିଲେ।

ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ୬୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା।

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକରେ ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁ ଅଣଷଠୀଟି ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

*Desk*

## ବାରବାଟୀ ମ୍ୟାଚ୍

ଭାରତ ଓ ଇଂଲଣ୍ଡ କ୍ରିକେଟ ଦଳ ଆଜି ଭୁବନେଶ୍ୱରରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଭୟ ଦଳ ତୃତୀୟ ଏକଦିବସୀୟ ମ୍ୟାଚ୍ ପାଇଁ ଗୁଜୁରାଟର ଅହମ୍ମଦାବାଦ ଅଭିମୁଖେ ଯାତ୍ରା କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଗତକାଲି କଟକ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ' ଇଂଲଣ୍ଡକୁ ୬ ୱିକେଟ୍‌ରେ ପରାସ୍ତ କରିଥିଲା। ଇଂଲଣ୍ଡ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୦୪ ରନ୍ ସଂଗ୍ରହ କରିଥିଲା । ରୋହିତ ଶର୍ମାଙ୍କ ଚମତ୍କାର ଖେଳ ପ୍ରଦର୍ଶନ ଫଳରେ ୬ ୱିକେଟ୍ ବିନିମୟରେ ଭାରତ ୩୦୫ ରନ୍ ହାସଲ କରି ବିଜୟୀ ହୋଇଥିଲା ।

*MET*

## ପାଣିପାଗ

ରାଜ୍ୟରେ ଥଣ୍ଡା ସାମାନ୍ୟ ବୃଦ୍ଧି ପାଇବା ସହ ତାପମାତ୍ରା ହ୍ରାସ ପାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜି ୩୫ଟି ସହରର ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଛି। ଝାରସୁଗୁଡ଼ା, ବଲାଙ୍ଗୀର ଓ ପାରଳାଖେମୁଣ୍ଡିରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ ହୋଇଛି।

ଅପରପକ୍ଷରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ୮ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।